বীরে গৌড়া

বনাম

কর্ণাটক রাজ্য

(ফৌজদারী আবেদন সংখ্যা 1466/2005)

জুলাই 28, 2010

[হর্জিত সিং বেদী এবং সি. কে. প্রসাদ, ন্যায়মূর্ত্তি]

*ଦଣ୍ଡ ସଂହିତା 1860:*

*ଧାରା 302- ପିତା ଏବଂ ସାବତ ମାଆ ପ୍ରଥମ ପତ୍ନୀଙ୍କ ଗର୍ଭଜାତ ଅଢ଼େଇ ବର୍ଷର ଝିଅକୁ ନାଇଟ୍ରିକ ଏବଂ ସଲଫ୍ୟୁରିକ ଏସିଡ ଦେଇ ତା'ର ମୃତ୍ୟୁ ଘଟାଇଛନ୍ତି- ଉଭୟଙ୍କୁ ବିଚାରଣ ନ୍ୟାୟାଳୟ ଦ୍ୱାରା ଦୋଷ ମୁକ୍ତି- ସାବତ ମାଆଙ୍କ ଦୋଷ ମୁକ୍ତି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସୁନିଶ୍ଚିତ- କିନ୍ତୁ ମୃତକଙ୍କ ପିତା ଧାରା 302 ଅଧୀନରେ ଦୋଷୀ ସାବ୍ୟସ୍ତ ହୋଇଥିଲେ – କୁହାଗଲା: ଏହା ନିଃସନ୍ଦେହରେ ସତ୍ୟ ଯେ ଯଦି ଦୁଇଟି ମତ ସମ୍ଭବ ହେଉଥାଏ ଏବଂ ବିଚାରଣ ନ୍ୟାୟାଳୟ ଦୋଷ ମୁକ୍ତି ଲିପିବଦ୍ଧ କରିଛନ୍ତି, ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପକୁ ସୀମିତ କରାଯିବା ଉଚିତ- ତେବେ ସେ ଯାହା ହେଉ, ଯଦି ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଆନ୍ତି ଯେ ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ପ୍ରମାଣ ଉପରେ ଆଧାରିତ ନଥିଲା, ତେବେ ଏହା ନ୍ୟାୟର ଲକ୍ଷ୍ୟକୁ ପରାସ୍ତ କରିବ ଯଦି ଆଦେଶକୁ ରଦ୍ଦ କରାନଯାଏ- ମାମଲା ସେହି ବର୍ଗରେ ପଡ଼େ ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଥିଲେ- କହିବାବାହୁଲ୍ୟ ମାତ୍ର ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ନ୍ୟାୟସଙ୍ଗତ ନଥିଲା- ଗୋଟିଏ ଦୃଢ଼ ପରିସ୍ଥିତି ରହିଛି ଯାହା କୌଣସି ନିମ୍ନସ୍ଥ ଅଦାଲତ ଦ୍ୱାରା ଲକ୍ଷ୍ୟ କରାଯାଇନାହିଁ ଯେ ନାଇଟ୍ରିକ ଏବଂ ସଲଫ୍ୟୁରିକ ଏସିଡର କୌଣସି ଘରୋଇ ବ୍ୟବହାର ନାହିଁ ଏବଂ ଏକ ଘରୋଇ ଦ୍ରବ୍ୟ ଭାବରେ ଉପଲବ୍ଧ ହେବ ନାହିଁ - ଏହା ସାକ୍ଷ୍ୟରେ ଆସିଛି ଯେ ଏସିଡ ପି.ଡବ୍ଲ୍ୟୁ. 17 ଙ୍କ ଠା'ରୁ ମିଳିଥିଲା ଏବଂ ଦୁଇଟି ଏସିଡ ମିଶ୍ରିତ ହେବା ପରେ ମିଶ୍ରଣଟି ଶିଶୁର ପାଟିରେ ପକାଯାଇଥିଲା- ଉଚ୍ଚ ନ୍ୟାୟାଳୟଙ୍କ ପର୍ଯ୍ୟବେକ୍ଷଣ ଯେ ଏସିଡ଼କୁ ବଳପୂର୍ବକ ପାଟିରେ ପକାଯାଇଥିଲା, ତାହା ଡାକ୍ତରୀ ପ୍ରମାଣ ଉପରେ ଆଧାରିତ, କାରଣ ମୁହଁ, ବାହୁ ଏବଂ ଛାତି ସମେତ ସାରା ଶରୀରରେ କ୍ଷତ ଦେଖିବାକୁ ମିଳିଥିଲା, ଯାହା ସ୍ପଷ୍ଟ ଭାବରେ ଦର୍ଶାଇଥିଲା ଯେ ପିଲାଟି ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲା ଏବଂ ଏସିଡ଼ ଦିଆଯାଉଥିବା ସମୟରେ ସେ ଲଢ଼େଇ କରିଥିଲା– ଦୋଷୀଙ୍କ ଦ୍ୱାରା ଦାବି କରାଯାଇଥିବା ସହ-ଅଭିଯୁକ୍ତଙ୍କ ସହ ସମାନତା ସମ୍ବନ୍ଧରେ, ମାମଲାଟି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବିଚାର ହୋଇଛି ଏବଂ ଏହା ପରିଲକ୍ଷିତ ହୋଇଛି ଯେ ଯଦିଓ କିଛି ସନ୍ଦେହବୋଧ*

*ରହୁଛି, କିନ୍ତୁ ଘଟଣା ପରେ ସେ ଘରକୁ ଆସିଥିବାରୁ ତାଙ୍କ ଦ୍ୱାରା ହତ୍ୟାକାଣ୍ଡ ପାଇଁ ଉସୁକାଇବାର କୌଣସି ଦୃଢ଼ ପ୍ରମାଣ ନାହିଁ- ଆବେଦନ ଖାରଜ ହୋଇଛି ।*

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 1466/2005

ବେଙ୍ଗାଲୁରୁସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଫୌଜଦାରୀ ଆବେଦନ ସଂଖ୍ୟା 723/1999 ରେ ତା 26.11.2004 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ତରଫରୁ ଅଜିତ କୁମାର ପଣ୍ଡା, (ଏ. ସି.)।

ପ୍ରତିବାଦୀ ପକ୍ଷରୁ ରମେଶ କୁମାର ମିଶ୍ର, କେ. ଯୋଶୀ, ରମେଶ ଏସ. ଯାଦବ ଏବଂ ବିକ୍ରାନ୍ତ ଯାଦବ (ସଞ୍ଜୟ ଆର. ହେଗଡେଙ୍କ ପାଇଁ)।

ନ୍ୟାୟାଳୟଙ୍କ  ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

**ଆଦେଶ**

ଅଭିଯୁକ୍ତଙ୍କ ଅନୁରୋଧରେ ଆବେଦନଟି ନିମ୍ନଲିଖିତ ତଥ୍ୟରୁ ଆଗତ ହୋଇଛି:

ଅଢ଼େଇ ବର୍ଷ ବୟସର ପଲ୍ଲବୀ ଆବେଦନକାରୀ ବୀରେ ଗୌଡ଼ା ଏବଂ ତାଙ୍କ ପ୍ରଥମ ପତ୍ନୀ ଜୟନ୍ତି ଗୌଡ଼ାଙ୍କ ଝିଅ ଥିଲେ । ଆବେଦନକାରୀ ଏବଂ ଜୟନ୍ତିଙ୍କ ମଧ୍ୟରେ ବିବାହ ପ୍ରାୟ ପାଞ୍ଚ କିମ୍ବା ଛଅ ବର୍ଷ ପୂର୍ବେ ହୋଇଥିଲା । ଏହା ଜଣାପଡୁଛି ଯେ ବିବାହ ସମୟରେ ଜୟନ୍ତି ଗର୍ଭବତୀ ଥିଲେ କିନ୍ତୁ କିଛି ସମୟ ପରେ ଦୁହେଁ ଅଲଗା ହୋଇଯାଇଥିଲେ ଏବଂ ଆବେଦନକାରୀ ତାଙ୍କ ଭଉଣୀଙ୍କ ବିବାହ ଶେଷ ହେବା ପରେ ଫେରାଇ ନେବାର ପ୍ରତିଶ୍ରୁତି ଦେଇ ତାଙ୍କୁ ତାଙ୍କ ପିତାମାତାଙ୍କ ଘରେ ଛାଡ଼ି ଦେଇଥିଲେ । ତେବେ ସେ ଯାହା ହେଉ କିଛି ଦିନ ପରେ ସେ ସହ-ଅଭିଯୁକ୍ତ ଇନ୍ଦ୍ରମ୍ମାଙ୍କ ସହ ବିବାହ କରିଥିଲେ, ସେ ନିର୍ଦ୍ଦୋଷରେ ଖଲାସ ହେବା ପରେ । ଆବେଦନକାରୀ ଏବଂ ଇନ୍ଦ୍ରମ୍ମାଙ୍କ ବିବାହ ପରେ ଆବେଦନକାରୀ ଏବଂ ଜୟନ୍ତୀଙ୍କ ମଧ୍ୟରେ ସମ୍ପର୍କ ଅପ୍ରୀତିକର ହୋଇଯାଇଥିଲା ଏବଂ ଜୟନ୍ତିଙ୍କୁ ବାରମ୍ବାର ଶାରୀରିକ ଆଘାତ ଦିଆଯାଉଥିଲା ଏବଂ ସମସ୍ତ ଘରୋଇ କାର୍ଯ୍ୟ କରିବାକୁ ବାଧ କରାଯାଉଥିଲା ଏବଂ କଳସପୁରା ପି.ଏଚ.ସି.ରେ ଏକ ପରିବାର ଯୋଜନା ଅପରେସନ ହେବାକୁ ବାଧ କରାଯାଇଥିଲା, କାରଣ ଆବେଦନକାରୀ ସ୍ପଷ୍ଟ ଭାବରେ ତାଙ୍କଠାରୁ କୌଣସି ସନ୍ତାନ ଚାହୁଁନଥିଲେ । ଅଭିଯୋଗ ପକ୍ଷର ମାମଲା ଏହିକି ଯେ ଯେ ପଲ୍ଲବୀ ଜଣେ ଅବାଞ୍ଛିତ ଶିଶୁ ହୋଇଥିବାରୁ ଦୁଇ ଅଭିଯୁକ୍ତ ତାକୁ ହଟାଇ ଦେବା ଉଚିତ ବୋଲି ଭାବିଲେ ଯାହା ଫଳରେ ସେ ତାଙ୍କ ପିତାଙ୍କ ସମ୍ପତ୍ତିରୁ କୌଣସି ଅଂଶ ଦାବି କରିପାରିବେ ନାହିଁ । ଆବେଦନକାରୀ ସେହି ଅନୁଯାୟୀ ପି. ଡବ୍ଲ୍ୟୁ. 16 ରଙ୍ଗନାଥ-ଚାରୀ, ଜଣେ ସୁନା କାରିଗରଙ୍କ ଠା'ରୁ ନାଇଟ୍ରିକ

ଏବଂ ସଲଫ୍ୟୁରିକ ଏସିଡ ଆଣିଥିଲେ ଏବଂ ପୁନଶ୍ଚ ଅଭିଯୋଜନ ପକ୍ଷର ମାମଲା ଏହା ଯେ 22 ସେପ୍ଟେମ୍ବର 1996 ରେ ଏହାକୁ ପଲ୍ଲବୀକୁ ଦିଆଯାଇଥିଲା ଯାହା ଶେଷରେ ତାଙ୍କ ମୃତ୍ୟୁର କାରଣ ହୋଇଥିଲା । ସେହି ଅନୁଯାୟୀ ପି. ଡବ୍ଲ୍ୟୁ. 1 ଜୟନ୍ତିଙ୍କ ଦ୍ୱାରା ଏକ ଏତଲା ଦାୟର କରାଯାଇଥିଲା ଯେଉଁଥିରେ ଉପରୋକ୍ତ ତଥ୍ୟ ବିସ୍ତୃତ ଭାବରେ ଦିଆଯାଇଥିଲା । ଇତି ମଧ୍ୟରେ ପଳାୟନ କରିଥିବା ଆବେଦନକାରୀଙ୍କୁ 26 ସେପ୍ଟେମ୍ବର 1996 ରେ ଗିରଫ କରାଯାଇଥିଲା ଏବଂ ସାକ୍ଷ୍ୟ ଅଧିନିୟମର ଧାରା 27 ଅନୁଯାୟୀ ତାଙ୍କ ବିବୃତିରେ ତାଙ୍କ ଘରର ରୋଷେଇ ଘରୁ ଦୁଇଟି ଏସିଡର ମିଶ୍ରଣ ଥିବା ଏକ ବୋତଲ ମିଳିଥିଲା । ତଦନ୍ତ ଶେଷ ହେବା ପରେ ଆବେଦନକାରୀ ଏବଂ ଇନ୍ଦ୍ରମ୍ମାଙ୍କ ବିରୁଦ୍ଧରେ ଆଇପିସିର ଧାରା 498A ଏବଂ ଧାରା 34 ସହିତ ପଠିତ ଧାରା 302 ଅଧୀନରେ ଦଣ୍ଡନୀୟ ଅପରାଧ ପାଇଁ ଅଭିଯୋଗ କରାଯାଇଥିଲା ଏବଂ ଯେହେତୁ ସେମାନେ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଥିଲେ, ତେଣୁ ସେମାନଙ୍କୁ ବିଚାରଣକୁ ଅଣାଯାଇଥିଲା ।

ଦୌରା ବିଚାରପତି 28 ଏପ୍ରିଲ 1999 ରେ ତାଙ୍କ ରାୟରେ କହିଲେ ଯେ ପ୍ରମାଣ ଦୃଷ୍ଟିରୁ ଅଧିକ ସମ୍ଭାବନା ଥିଲା ଯେ ପଲ୍ଲବୀ ଆକସ୍ମିକ ଭାବରେ ଏସିଡ ନେଇଥିଲେ ଏବଂ ଏହା ସୂଚିତ କରିବା ପାଇଁ କୌଣସି ପ୍ରମାଣ ନାହିଁ ଯେ ଏହା ତାଙ୍କୁ ବଳପୂର୍ବକ ଦିଆଯାଇଥିଲା । ନ୍ୟାୟାଳୟ ପୁନଶ୍ଚ କହିଲେ ଯେ ହତ୍ୟା ପୂର୍ବରୁ ଦୁଇ ଅଭିଯୁକ୍ତ ଜୟନ୍ତୀଙ୍କ ସହ କୌଣସି ପ୍ରକାରେ ଦୁର୍ବ୍ୟବହାର କରିଥିଲେ ବୋଲି ଦର୍ଶାଇବାକୁ କୌଣସି ପ୍ରମାଣ ନାହିଁ । ବିଚାରଣ ନ୍ୟାୟାଳୟ ଏହା ମଧ୍ୟ କହିଲେ ଯେ ସାକ୍ଷୀମାନଙ୍କ ବିବୃତ୍ତି ପରସ୍ପର ମଧ୍ୟରେ ଅସଙ୍ଗତି ମାମଲାର ମୂଳକୁ ନେଇଥିଲା ଏବଂ ସେଥିପାଇଁ ଅଭିଯୋଜନଙ୍କ କାହାଣୀର ସତ୍ୟତା ଉପରେ ସନ୍ଦେହ ରହିଲା ।

ଏହା ପରେ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ, ଆକ୍ଷେପିତ ରାୟ ଦ୍ୱାରା, ଦ୍ୱିତୀୟ ଅଭିଯୁକ୍ତ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଆବେଦନକାରୀ ସଂଖ୍ୟା 1 ର ଦୋଷ ମୁକ୍ତିକୁ ରଦ୍ଦ କରିଛନ୍ତି ଏବଂ ଆଇପିସିର ଧାରା 302 ଅନୁଯାୟୀ ତାଙ୍କୁ ଆଜୀବନ କାରାଦଣ୍ଡ ଏବଂ 2000/- ଟଙ୍କା ଜରିମାନା ସହିତ ଦଣ୍ଡାଦେଶ ଦେଇଛନ୍ତି ଏବଂ ଖିଲାପରେ ଛଅ ମାସ ସଶ୍ରମ କାରାଦଣ୍ଡ ।

ଏହି ପରିସ୍ଥିତିରେ ବର୍ତ୍ତମାନର ଆବେଦନ ଆମ୍ଭ ସମ୍ମୁଖରେ ଆସିଛି ।

ଆବେଦନକାରୀଙ୍କ ପାଇଁ ଶ୍ରୀମାନ ନ୍ୟାୟମିତ୍ର ଶ୍ରୀ ଅଜିତ କୁମାର ପଣ୍ଡା ଏହି ଆବେଦନର ଶୁଣାଣୀ ସମୟରେ ଆମ୍ଭ ସମ୍ମୁଖରେ ତିନି ଗୋଟି ଯୁକ୍ତି ଉପସ୍ଥାପନ କରିଛନ୍ତି । ସେ ପ୍ରଥମେ ଦର୍ଶାଇଛନ୍ତି ଯେ ଏହା ବର୍ତ୍ତମାନ ଉତ୍ତମ ରୂପେ ସ୍ଥିର ହୋଇଛି ଯେ ଯଦି ପ୍ରମାଣ ଉପରେ ଦୁଇଟି ମତ ସମ୍ଭବପର ଏବଂ ବିଚାରଣ

ନ୍ୟାୟାଳୟ ଜଣେ ଅଭିଯୁକ୍ତଙ୍କ ସପକ୍ଷରେ ଗୋଟିଏ ମତ ନେବାକୁ ପସନ୍ଦ କରିଥିଲେ, ତେବେ ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଭିନ୍ନ ମତ ନେବାକୁ ଖୋଲା ନାହିଁ, ଯେ ପର୍ଯ୍ୟନ୍ତ ବିଚାରଣ ନ୍ୟାୟାଳୟର ରାୟକୁ ଅଯୌକ୍ତିକ ବୋଲି କୁହାଯାଇପାରିବ ନାହିଁ, ଯଦିଓ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଭାବରେ ପ୍ରମାଣର ପୁନଃ ମୂଲ୍ୟାୟନ କରିବାକୁ ହକଦାର ଥିଲେ । ଏହା ମଧ୍ୟ ଉପସ୍ଥାପିତ ହୋଇଛି ଯେ ପଲ୍ଲବୀଙ୍କୁ ବଳପୂର୍ବକ ଏସିଡ ଦିଆଯାଇଥିଲା ବୋଲି ଉଚ୍ଚ ନ୍ୟାୟାଳୟଙ୍କ ନିଷ୍କର୍ଷ କେବଳ ଅନୁମାନ ଉପରେ ଆଧାରିତ ଥିଲା ଏବଂ ପ୍ରମାଣରୁ ଉତ୍ପନ୍ନ ହୋଇନଥିଲା । ଶେଷରେ ଦୃଢ଼ ଅନୁରୋଧ କରାଯାଇଛି ଯେ ସହ-ଅଭିଯୁକ୍ତ ଇନ୍ଦ୍ରମ୍ମାଙ୍କୁ ସନ୍ଦେହଜନିତ ଲାଭ ଦିଆଯାଇଥିବାରୁ, ଆବେଦନକାରୀଙ୍କୁ ମଧ୍ୟ ସମାନ ସୁବିଧା ଦିଆଯିବା ଉଚିତ ଥିଲା ।

ତେବେ ସେ ଯାହା ହେଉ, ଶ୍ରୀମାନ ରାଜ୍ୟ ଓକିଲ ଦର୍ଶାଇଛନ୍ତି ଯେ ବିଚାରଣ ନ୍ୟାୟାଳୟ ଏହି ସତ୍ୟକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରିଥିଲେ ଯେ ସାକ୍ଷ୍ୟ ଅଧିନିୟମର ଧାରା 27 ଅଧୀନରେ ଆବେଦନକାରୀଙ୍କ ବୟାନ ଏହା ଥିଲା ଯେ ତାଙ୍କ ଘରୁ ନାଇଟ୍ରିକ ଏସିଡ ଏବଂ ସଲଫ୍ୟୁରିକ ଏସିଡର ମିଶ୍ରଣ ଥିବା ଏକ ବୋତଲ ଉଦ୍ଧାର କରାଯାଇଥିଲା ଏବଂ ପିଲାଟି ଆକସ୍ମିକ ଭାବରେ ଏସିଡ ସେବନ କରିବା ସମ୍ଭବପର ନୁହେଁ ବୋଲି ପ୍ରମାଣ ଦୃଷ୍ଟିରୁ ଏକମାତ୍ର ସମ୍ଭାବ୍ୟ ମତଟି ତ୍ରୁଟିପୂର୍ଣ୍ଣ ଥିଲା ।

ପକ୍ଷମାନଙ୍କ ପାଇଁ ଶ୍ରୀମାନ ଓକିଲଙ୍କ ଦ୍ୱାରା ଦିଆଯାଇଥିବା ଯୁକ୍ତିକୁ ଆମ୍ଭେ ଅତି ଯତ୍ନର ସହ ଶୁଣିଛୁ । ଏହା ନିଃସନ୍ଦେହରେ ସତ୍ୟ ଯେ ଯଦି ଦୁଇଟି ମତ ସମ୍ଭବପର ଏବଂ ବିଚାରଣ ନ୍ୟାୟାଳୟ ଦୋଷ ମୁକ୍ତି ଲିପିବଦ୍ଧ କରିଥିଲେ ତେବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ହସ୍ତକ୍ଷେପକୁ ସୀମିତ କରାଯିବା ଉଚିତ । ତେବେ ସେ ଯାହା ହେଉ, ଯଦି ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଆନ୍ତି ଯେ ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ପ୍ରମାଣ ଉପରେ ଆଧାରିତ ନଥିଲା, ଆଉ ଯଦି ଆଦେଶକୁ ରଦ୍ଦ ନ କରାଯାଏ ତେବେ ଏହା ନ୍ୟାୟର ଉଦ୍ଦେଶ୍ୟକୁ ପରାସ୍ତ କରିବ । ଆମ୍ଭର ମତ ଏହିକି ଯେ ବର୍ତ୍ତମାନର ମାମଲା ସେହି ବର୍ଗରେ ପଡ଼େ ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ସମ୍ପୂର୍ଣ୍ଣରୂପେ ନ୍ୟାୟସଙ୍ଗତ ଥିଲେ । ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣ ଯୁକ୍ତିଯୁକ୍ତ ନୁହେଁ ଆମ୍ଭଙ୍କୁ ମନେ ହେଉଛି, ଏହା କହିବା ବାହୁଲ୍ୟମାତ୍ର । ଗୋଟିଏ ଦୃଢ଼ ପରିସ୍ଥିତି ରହିଛି ଯାହା କୌଣସି ନିମ୍ନସ୍ଥ ଅଦାଲତଙ୍କ ଦ୍ୱାରା ଧ୍ୟାନ ଦିଆଯାଇନାହିଁ, କିନ୍ତୁ ଶ୍ରୀମାନ ରାଜ୍ୟ ଓକିଲଙ୍କ ଦ୍ୱାରା ସୂଚିତ କରାଯାଇଛି ଯେ ନାଇଟ୍ରିକ ଏବଂ ସଲଫ୍ୟୁରିକ ଏସିଡ କୌଣସି ଘରୋଇ ବ୍ୟବହାରରେ ଆସେ ନାହିଁ ଏବଂ ଘରୋଇ ଦ୍ରବ୍ୟ ଭାବରେ ଉପଲବ୍ଧ ହେବ ନାହିଁ । ଏହା ପ୍ରମାଣରେ ଆସିଛି ଯେ ଏସିଡ ପି.ଡବ୍ଲ୍ୟୁ. 17

ଙ୍କ ଠା'ରୁ ମିଳିଥିଲା ଏବଂ ଦୁଇଟି ଏସିଡ ମିଶ୍ରିତ ହେବା ପରେ ମିଶ୍ରଣକୁ ପାଟିରେ ପକାଯାଇଥିଲା । ପାଟିରେ ବଳପୂର୍ବକ ଏସିଡ ପକାଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟ ଡାକ୍ତରୀ ପ୍ରମାଣ ଉପରେ ଆଧାରିତ କାରଣ ପାଟି, ବାହୁ ଏବଂ ଛାତି ସମେତ ସାରା ଶରୀରରେ କ୍ଷତ ଦେଖିବାକୁ ମିଳିଥିଲା ଯାହା ସ୍ପଷ୍ଟ ଭାବରେ ଦର୍ଶାଇଥିଲା ଯେ ପିଲାଟି ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲା ଏବଂ ଏସିଡ ଦିଆଯାଉଥିବା ସମୟରେ ଲଢ଼ିଥିଲା । ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ଦର୍ଶାଇଛନ୍ତି ଯେ ପିଲାଟି ଯଦି ଭୁଲବଶତଃ ଏସିଡ ନେଇଥାଆନ୍ତା, ତେବେ ଶରୀରର ଅନ୍ୟ କୌଣସି ଅଂଶରେ ପୋଡ଼ାଜଳା ହୋଇନଥା'ନ୍ତା କାରଣ ସେଗୁଡ଼ିକ କେବଳ ପାଟି ଏବଂ ଓଠରେ ସୀମିତ ରହିଥା'ନ୍ତା ।

ଇନ୍ଦ୍ରମାଙ୍କ ସହ ଦାବି କରାଯାଇଥିବା ସମାନତା ସମ୍ବନ୍ଧରେ ଶ୍ରୀ ପଣ୍ଡାଙ୍କ ଯୁକ୍ତିରେ ମଧ୍ୟ ଆମ୍ଭେ କୌଣସି ଯଥାର୍ଥତା ପାଉନାହୁଁ । ଏହି ମାମଲା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବିଚାର କରାଯାଇଛି ଏବଂ ଏହା ପରିଲକ୍ଷିତ ହୋଇଛି ଯେ ଯଦିଓ କିଛି ସନ୍ଦେହବୋଧ ହେଉଛି, କିନ୍ତୁ ଘଟଣା ପରେ ସେ ଘରକୁ ଆସିଥିବାରୁ ତାଙ୍କ ଦ୍ୱାରା ହତ୍ୟାକାଣ୍ଡକୁ ଉସୁକାଇବାର କୌଣସି ଦୃଢ଼ ପ୍ରମାଣ ନାହିଁ । ତେଣୁ ଆମ୍ଭେ ଏହି ଆବେଦନରେ କୌଣସି ଗୁଣବତ୍ତା ପାଉନାହୁଁ ।

ଖାରଜ କରାଗଲା ।

ଆବେଦନ ଖାରଜ ହୋଇଛି ।

ଆର. ପି.

## <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**